# NATIONAL NEWS BULLETIN (ODIA)

**10 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କର ଆଜିଠାରୁ ଦୁଇଦିନିଆ ଜର୍ମାନୀ ଗସ୍ତ ।

- ଜାତିସଂଘ ସ୍ଥାୟୀ ସଦସ୍ୟତାକୁ ଅଧିକ ପ୍ରତିନିଧିମୂଳକ କରିବାକୁ ଭାରତର ଆହ୍ୱାନ

- ଏମସ୍ ନୂଆଦିଲ୍ଲୀ ଆଜିଠାରୁ ଆରମ୍ଭ କଲା ତମାଖୁ ଉନ୍ମୁଳନ କ୍ଲିନିକ୍ ।

- ଆଜି ପାଳନ କରାଯାଉଛି ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ

ଏବଂ

- ପ୍ୟାରିସ୍ ପାରାଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତୀୟ ଦଳ ଆଜି କଲେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ ।

## ଜୟଶଙ୍କର-ଜର୍ମାନୀ ଗସ୍ତ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ଦୁଇଦିନିଆ ଜର୍ମାନୀ ଗସ୍ତ ଆରମ୍ଭ ହେଉଛି । ଏହି ଗସ୍ତ ଅବସରରେ ବର୍ଲିନ୍ ଠାରେ ସେ ତାଙ୍କ ପ୍ରତିପକ୍ଷଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତାମାନଙ୍କୁ ଭେଟିବେ । ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଭାରତ-ଜର୍ମାନୀ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ସୁଯୋଗର ବିକାଶ ପାଇଁ ଏହି ଗସ୍ତ ଅବସରରେ ଆଲୋଚନା ହେବ ବୋଲି

ଜଣାପଡ଼ିଛି । ଏହି ଗସ୍ତ ଆସନ୍ତାମାସରେ ଜର୍ମାନର ଚାନ୍‌ସେଲର ଓଲାଫ୍ ସୋଲଜ୍‌ଙ୍କ ଭାରତ ଗସ୍ତ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବ ।

ସୂଚନା ଯୋଗ୍ୟ ଜର୍ମାନୀ ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ସହଭାଗି ରାଷ୍ଟ୍ର, ବିଶେଷ କରି ପ୍ରତ୍ୟକ୍ଷ ପୁଞ୍ଜିନିବେଶ କ୍ଷେତ୍ରରେ ଭାରତରେ ଏକ ଅଗ୍ରଣୀ ରାଷ୍ଟ୍ର ।

ଗତକାଲି ରିହାଦରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ପାଲେଷ୍ଟାଇନ୍ ପ୍ରସଙ୍ଗରେ କହିଛନ୍ତି, ଗାଜାରେ ଯୁଦ୍ଧ ବିରତି ଅତ୍ୟନ୍ତ ଆବଶ୍ୟକ । ସେ ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ନିନ୍ଦା କରିବା ସହିତ ସାଧାରଣ ନାଗରୀକଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ।
ଜର୍ମାନୀ ଗସ୍ତ ପରେ ଡକ୍ଟର ଜୟଶଙ୍କର ତାଙ୍କ ବିଦେଶ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଜେନେଭା ଯିବେ । ଆସନ୍ତା ଗୁରୁବାର ଓ ଶୁକ୍ରବାର ସେ ବିଭିନ୍ନ ଆନ୍ତର୍ଜାତିକ ସଂଗଠନର ନେତୃବର୍ଗଙ୍କ ସହ ସାକ୍ଷାତ ଆଲୋଚନା କରିବେ । ସେ ମଧ୍ୟ ସେଠାରେ ସ୍ୱିଜରଲାଣ୍ଡର ବୈଦେଶିକ ମନ୍ତ୍ରୀଙ୍କ ସହ ସାକ୍ଷାତ କରି ଭାରତ ଓ ସ୍ୱିଜରଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବେ ।

---

# ନୋଟିଫିକେସନ

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଜାତୀୟ ରାଜପଥ ଦେୟ ନିର୍ଦ୍ଧାରଣରେ ସଂଶୋଧନ କରିବା ପାଇଁ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଜାତୀୟ ରାଜପଥ ଦେୟ ନିର୍ଦ୍ଧାରଣ ନିୟମ ୨୦୦୮ରେ ସଂଶୋଧନ କରିବାକୁ ମନ୍ତ୍ରଣାଳୟ ଏହି ବିଜ୍ଞପ୍ତି ଜାରି କରିଛି । ଏଥିରେ ଗ୍ଲୋବାଲ୍ ନାଭିଗେସନ୍ ସାଟେଲାଇଟ୍ ବ୍ୟବସ୍ଥା GNSS ଲାଗୁ କରାଯିବା ପାଇଁ ପ୍ରସ୍ତାବ ରହିଛି । କୌଣସି ଗାଡ଼ି ଚାଳକଙ୍କର ନ୍ୟାଶନାଲ୍ ପର୍‌ମିଟ୍ ନଥାଇ

ଗାଡ଼ି ଚଳାଉଥିଲେ GNSS ବ୍ୟବସ୍ଥା ଅଧୀନରେ ସେମାନଙ୍କୁ ୨୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ । ୨୦ କିଲୋମିଟରରୁ ଅଧିକ ରାସ୍ତା ଗାଡ଼ି ଚଳାଇବା କ୍ଷେତ୍ରରେ ସମଗ୍ର ଦୂରତା ପାଇଁ ଦେୟ ଦେବାକୁ ପଡ଼ିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

---

## ୟୁଏନ୍-ମେମ୍ବରସିପ୍

ଜାତିସଂଘ ସ୍ଥାୟୀ ସଦସ୍ୟତାକୁ ଅଧିକ ପ୍ରତିନିଧିମୂଳକ କରିବାକୁ ଭାରତ ଆହ୍ୱାନ କରିଛି। ବିଶେଷକରି ଆଫ୍ରିକାକୁ ସାମିଲ କରିବା ଉପରେ ଭାରତ ଗୁରୁତ୍ୱ ଦେଇଛି । ଜାତିସଂଘ ନିରାପତ୍ତା ପରିଷଦରେ ରାଜନୈତିକ ବିଷମତା ଯୋଗୁଁ ବିଶ୍ୱରେ ଶାନ୍ତି ସ୍ଥାପନ ପ୍ରଭାବିତ ହେଉଥିବା ଭାରତ କହିଛି । ଜାତିସଂଘ ନିରାପତ୍ତା ପରିଷଦରେ ଭାରତର ନବ ନିଯୁକ୍ତ ସ୍ଥାୟୀ ପ୍ରତିନିଧି ପି.ହାରିଶ୍ ଗତକାଲି ତାଙ୍କର ପ୍ରଥମ ଉଦ୍‌ବୋଧନରେ ନିରାପତ୍ତା ପରିଷଦରେ ରାଜନୈତିକ ଏକତାର ଅଭାବ ଥିବା ସେ କହିଛନ୍ତି । ଏଥିଯୋଗୁଁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା କାର୍ଯ୍ୟ ପ୍ରଭାବିତ ହେଉଥିବା ବିଷୟ ସେ କହିଛନ୍ତି । ସାଂପ୍ରତିକ ରାଜନୈତିକ ଅସ୍ଥିରତା ପରିପ୍ରେକ୍ଷୀରେ ଜାତିସଂଘରେ ସ୍ଥାୟୀ ସଦସ୍ୟ ସଂଖ୍ୟାକୁ ବୃଦ୍ଧି କରାଯାଇ ଏହାକୁ ଅଧିକ ପ୍ରତିନିଧିମୂଳକ କରାଯିବାର ଆବଶ୍ୟକତା ଥିବା ସେ କହିଛନ୍ତି । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ଶାନ୍ତିରକ୍ଷା ଅଭିଯାନରେ ଭାରତ ସବୁଠାରୁ ଅଧିକ ସହଯୋଗ ଯୋଗାଇଛି । ଗତ ସାତଦଶକ ମଧ୍ୟରେ ଜାତିସଂଘର ୫୦ଟି ଶାନ୍ତିରକ୍ଷା ଅଭିଯାନରେ ଭାରତ ୩ଲକ୍ଷରୁ ଅଧିକ ଶାନ୍ତିରକ୍ଷୀ ଟ୍ରୁପ୍ସକୁ ନିୟୋଜିତ କରିଥିବା ସେ କହିଛନ୍ତି ।

---

# ଜିଏସ୍‌ଟି କାଉନସିଂଲ ମିଟିଂ

କ୍ୟାନ୍‌ସର ଔଷଧ ଉପରେ ଜିଏସ୍‌ଟି ହ୍ରାସ କରାଯିବା ନେଇ ୫୪ତମ ଜିଏସ୍‌ଟି ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି । ପୂର୍ବରୁ କ୍ୟାନ୍‌ସର ଔଷଧ ଉପରେ ଲଗାଯାଉଥିବା ୧୨ ପ୍ରତିଶତ ଜିଏସ୍‌ଟିକୁ ହ୍ରାସ କରାଯାଇ ୫ ପ୍ରତିଶତ କରାଯାଇଛି । ଅନ୍ୟ ପକ୍ଷରେ ସ୍ୱାସ୍ଥ୍ୟ ବୀମାର ଜିଏସ୍‌ଟି ପରିମାଣକୁ ହ୍ରାସ କରିବା ପାଇଁ ମନ୍ତ୍ରୀସ୍ତରୀୟ ଏକ କମିଟି ଗଠନ କରାଯାଇଛି । ଏହି କମିଟି ସ୍ୱାସ୍ଥ୍ୟ ବୀମା ଉପରେ ଜିଏସ୍‌ଟି ହ୍ରାସ ସଂକ୍ରାନ୍ତ ରିପୋର୍ଟ୍ ଅକ୍ଟୋବର ମାସ ଶେଷ ସୁଦ୍ଧା ପ୍ରଦାନ କରିବ ।

---

# ଏମସ୍-ତମାଖୁ

ଆଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା ଏମସ୍ ନୂଆଦିଲ୍ଲୀରେ ଆଜି ତମାଖୁ ଉନ୍ମୂଳନ କ୍ଲିନିକ୍ (ଟି.ସି.ସି.)ର ଶୁଭାରମ୍ଭ କରିଛି । ତମାଖୁ ସେବନ ଜନିତ ବଦଅଭ୍ୟାସରୁ ମୁକୁଳିବାକୁ ଚାହୁଁଛନ୍ତି ଲୋକମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଏହି ଯୋଜନାର ଆରମ୍ଭ କରାଯାଇଛି । ଏହି କ୍ଲିନିକ୍‌ର ଉଦ୍‌ଘାଟନ କରି ଏମସ୍‌ର ନିର୍ଦ୍ଦେଶକ ପ୍ରଫେସର ଏମ୍. ଶ୍ରୀନିବାସ କହିଛନ୍ତି, ଦେଶରେ ତମାଖୁ ମୁକ୍ତ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଏହି କେନ୍ଦ୍ର ସ୍ଥାପନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏମ୍‌ସର ଏହି ଅଭିଯାନ ସଂପର୍କରେ ଆକାଶବାଣୀକୁ ସଂସ୍ଥାନର ପଲ୍‌ମୋନାରୀ ମେଡିସିନ୍ ବିଭାଗୀୟ ମୁଖ୍ୟ ଡାକ୍ତର ଅନନ୍ତ ମୋହନ କହିଛନ୍ତି ଏହି କ୍ଲିନିକ୍ ଜରିଆରେ ତମାଖୁର ଶରୀର ଉପରେ କୁପଭାବ ସଂପର୍କ ଉପରେ

ଡାକ୍ତରମାନଙ୍କ ଦ୍ୱାରା ନିଃଶୁଳ୍କ୍ ପରାମର୍ଶ ଓ ଚିକିତ୍ସା ପ୍ରଦାନ କରାଯିବ। ଆମ ସମ୍ବାଦଦାତା ଜଣାଇଛନ୍ତି ଏହି କେନ୍ଦ୍ର ପ୍ରତ୍ୟେକ ମଙ୍ଗଳବାର ଦିନ ଖୋଲା ରହିବ ।

## କନିଷ୍ଠ ଡାକ୍ତର-ଆର୍‌ଜି କର୍

କୋଲକାତାର ଆର୍ ଜି କର୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ଆନ୍ଦୋଳନ ଜାରି ରଖିଥିବା କନିଷ୍ଠ ଡାକ୍ତରଙ୍କୁ ସୁପ୍ରିମ୍‌କୋର୍ଟ ଆଜି ଅପରାହ୍ଣ ୫ଟା ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ଅମାନ୍ୟ କଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶରେ କୁହାଯାଇଛି ।

ସୂଚନା ଯୋଗ୍ୟ ଆର୍ ଜି କର୍ ହସ୍ପିଟାଲ୍‌ରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ପ୍ରତିବାଦରେ ପଶ୍ଚିମବଙ୍ଗର କନିଷ୍ଠ ଡାକ୍ତରମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି । ଏହି ଆନ୍ଦୋଳନ ଯୋଗୁଁ ୨୩ ଜଣ ରୋଗିଙ୍କ ମୃତ୍ୟୁ ହୋଇଥିବା ପଶ୍ଚିମବଙ୍ଗ ସରକାର କହିଛନ୍ତି । ଏ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟ ନିଜ ଆଡୁ ରୁଜୁ କରୁଥିବା ମାମଲା ଉପରେ ଗତକାଲି ଶୁଣାଣି ହୋଇଥିଲା । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ପୀଠ ଆସନ୍ତା ୧୭ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ଦେବାକୁ ସି.ବି.ଆଇ.କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଆତ୍ମହତ୍ୟା ନିରୋଧ ଦିବସ

ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଆଜି ପାଳନ କରାଯାଉଛି । ଆତ୍ମହତ୍ୟାରୁ ନିବୃତ୍ତ ରହିବା ପାଇଁ ଲୋକଙ୍କୁ ସଚେତନ କରିବା ସହ ମାନସିକ ଚାପର ବଶବର୍ତ୍ତୀ ହେଉଥିବା ବ୍ୟକ୍ତିବିଶେଷଙ୍କୁ ଉପଯୁକ୍ତ ପରାମର୍ଶ ଦେବା ଏହି ଦିବସ ପାଳନର ଲକ୍ଷ୍ୟ । ୨୦୦୩ ମସିହାରୁ ଆତ୍ମହତ୍ୟା ନିରୋଧ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ମିଳିତ ଭାବେ ଏହି ଦିବସ ପାଳନ ହୋଇ ଆସୁଛି । ଏକ ଆକଳନ ଅନୁଯାୟୀ ପ୍ରତିବର୍ଷ ବିଶ୍ୱର ୭ ଲକ୍ଷରୁ ଅଧିକ ଲୋକ ଆତ୍ମହତ୍ୟା କରୁଥିବା ଜଣାପଡ଼ିଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି **ବାର୍ତ୍ତାଳାପ ମାଧ୍ୟମରେ ଆତ୍ମହତ୍ୟାର ମାନସିକତାକୁ ପରିବର୍ତ୍ତନ କରିବା ।**

ଏହି ଅବସରରେ ଆଜି ପୁଡୁଚେରୀର ବିଭିନ୍ନ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟର ୩ଶହରୁ ଅଧିକ ନର୍ସିଂ ଛାତ୍ରଛାତ୍ରୀ ଏକ ସଚେତନତା ର୍ୟାଲିରେ ଯୋଗ ଦେଇଥିଲେ ।

# ପିଏମ୍-ପଦ୍ମ ପୁରସ୍କାର

ପଦ୍ମ ପୁରସ୍କାର ପାଇଁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କୁ ମନୋନୀତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧିକରୁ ଅଧିକ ଲୋକଙ୍କୁ ଆହ୍ୱାନ କରିଛନ୍ତି। ଚଳିତ ମାସ ୧୫ ତାରିଖ ହେଉଛି ଏହି ପୁରସ୍କାର ପାଇଁ ନାମାଙ୍କନ ଦାଖଲର ଶେଷ ଦିନ। ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଅନେକ ବ୍ୟକ୍ତି  ଏଥିପାଇଁ ଆବେଦନପତ୍ର ଦାଖଲ

କରିଥିବାରୁ ଆନନ୍ଦ ପ୍ରକାଶ କରିଛନ୍ତି। ଗତ ଏକ ଦଶନ୍ଧି ମଧ୍ୟରେ ସରକାର ତୃଣମୂଳ ସ୍ତରର ଅଗଣିତ ବୀରଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରିଛନ୍ତି ବୋଲି ସେ କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ପୁରସ୍କାର ବିଜେତାମାନଙ୍କ ଜୀବନଯାତ୍ରା ଅଗଣିତ ଲୋକଙ୍କୁ ପ୍ରେରଣା ଦେଇଛ। ସେହି ବ୍ୟକ୍ତିମାନଙ୍କର ଧୈର୍ଯ୍ୟ ଓ ଦୃଢ଼ତା ସ୍ପଷ୍ଟ ଭାବରେ ସେମାନଙ୍କ କାର୍ଯ୍ୟାବଳୀରେ ଦୃଶ୍ୟମାନ ହୋଇଛି। ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଏବଂ ଏଥିରେ ଜନସାଧାରଣଙ୍କ ଅଂଶଗ୍ରହଣ କରିବା ଉଦ୍ଦେଶ୍ୟରେ ସରକାର ବିଭିନ୍ନ ପଦ୍ମ ପୁରସ୍କାର ପାଇଁ ଉପଯୁକ୍ତ ବ୍ୟକ୍ତିମାନଙ୍କୁ ମନୋନୀତ କରିବାକୁ ଆହ୍ୱାନ କରିଛନ୍ତି ।

## ନାଗାଲ୍ୟାଣ୍ଡ-ମିଟିଂ

ନାଗାଲ୍ୟାଣ୍ଡ ସରକାର ନାଗା ରାଜନୈତିକ ପ୍ରସଙ୍ଗରେ ସେଠାକାର ସମସ୍ତ ଆଦିବାସୀ ସଂଗଠନ ସହିତ ଆସନ୍ତାକାଲି  ବିଚାରବିମର୍ଶ କରିବାକୁ ସ୍ଥିର କରିଛନ୍ତି । ଗୃହ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ ଏହି ଆଲୋଚନା ଆସନ୍ତାକାଲି ପୂର୍ବାହ୍ନ ୧୦ଟାରେ କୋହିମାସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହେବ । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନୈଫିଉରିଓ, ଉପମୁଖ୍ୟମନ୍ତ୍ରୀ ଟି.ଆର୍. ଜେଲିଆଙ୍ଗ, ଓ୍ୱାଇ. ପ୍ୟାଟନ, ବାଚସ୍ପତି ସରିନ୍ ଗେନ୍ଙ୍କ ସମେତ ଅନ୍ୟ ବରିଷ୍ଠ ମନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ରହିବେ ।

--------

# ଗାଜା-ୟୁଏନ୍

ମିଳିତ ଜାତିସଂଘ ତା'ର ମାନବ ଅଧିକାର ମୁଖ୍ୟ ଭୋକର ଟର୍କଙ୍କ ଜରିଆରେ ଗାଜାରେ ସଂଘର୍ଷର ଅନ୍ତ ଘଟାଇବା ପାଇଁ ଆହ୍ୱାନ ଦେଇଛି । ମିଳିତ ଜାତିସଂଘ ମାନବ ଅଧିକାର ପରିଷଦର ୫୭ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ପରିଷଦର ଉଚ୍ଚାୟୁକ୍ତ ଶ୍ରୀ ଟର୍କ ଗାଜାରେ ଯୁଦ୍ଧ ବିରତି ସହିତ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଅତ୍ୟନ୍ତ ଜରୁରୀ ବୋଲି କହିଛନ୍ତି ।

---

# ପାରାଅଲିମ୍ପିକ୍ସ

ପ୍ୟାରିସ୍ ପାରାଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତୀୟ ଦଳ ଆଜି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ସେମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଚଳିତ ପାରା ଅଲିମ୍ପିକ୍ସରେ ଭାରତ ଐତିହାସିକ ସଫଳତା ହାସଲ କରିଛି । ଭାରତୀୟ ଦଳକୁ ୭ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୩ଟି ବ୍ରୋଞ୍ଜ ପଦକ ସହ ୨୯ଟି ପଦକ ମିଳିଛି ।

---